## ସଂକ୍ଷେପରେ

### ସୁନପୁର ବେଳାଭୂମିରେ ମୃତ ବିରଳ ଡଲ୍‌ଫିନ୍



ଚିକିଟି,୨୯।୭(ଡି.ଏନ.ଏ.)-ଆନ୍ଧ୍ରପ୍ରଦେଶ-ଓଡ଼ିଶା ସୀମାନ୍ତରେ ରହିଥିବା ଚିକିଟି ବ୍ଲକ ଅନ୍ତର୍ଗତ ସୁନପୁର ସମୁଦ୍ର ବେଳାଭୂମିରେ ଗୁରୁବାର ସନ୍ଧ୍ୟାରେ ଏକ ମୃତ ବିରଳ ଡଲ୍‌ଫିନ୍ ପଡ଼ିଥିବା ଦେଖିବାକୁ ମିଳିଛି। ଏହାର ଓଜନ ପ୍ରାୟ ୨ କୁଇଣ୍ଟାଲରୁ ଅଧିକ ହେବ ଓ ଲମ୍ୱ ୫ ଫୁଟ ୮ ଇଞ୍ଚ ଏବଂ ଗୋଲେଇ ୪ ଫୁଟ ୫ ଇଞ୍ଚ ବୋଲି ଜଣାପଡିଛି। ପ୍ରକାଶଥାଉକି, ଗୁରୁବାର ଅପରାହ୍ନରେ କେତେଜଣ ଯୁବକ ବେଳାଭୂମିରେ ମୃତ ଡଲ୍‌ଫିନ ଦେଖିବାକୁ ପାଇଥିଲେ। ଜଙ୍ଗଲ ବିଭାଗକୁ ଜଣାଇବା ପରେ ଶୁକ୍ରବାର ସକାଳେ ଘଟଣାସ୍ଥଳରେ ପହଞ୍ଚି ଭିଏସ୍‌ଓଙ୍କ ଉପସ୍ଥିତିରେ ମୃତ ଡଲ୍‌ଫିନ୍‌ର ମୃତଦେହ ବ୍ୟବଚ୍ଛେଦ ପରେ ଏହାକୁ ସମୁଦ୍ର ପଠାରେ ପୋତି ଦିଆଯାଇଅଛି। ଏହା କେଉଁ ପ୍ରଜାତିର ଜାଣିବା ପାଇଁ ମୃତଦେହର କିଛି ଅଂଶକୁ ପରୀକ୍ଷା ନିମନ୍ତେ ପଠାଯାଇଛି ବୋଲି ଜଙ୍ଗଲ ବିଭାଗ ପକ୍ଷରୁ କୁହାଯାଇଛି। ଏଭଳି ଗତ ଜୁଲାଇ ୨୦୧୮ରେ ଏକ ୱେଲ୍‌ସର୍କ ସୁନପୁର ବେଳାଭୂମିରେ ପଡିଥିଲା, ଯାହାର ଓଜନ ୪୦୦ କେଜି ରହିଥିବା ବେଳେ ଲମ୍ୱ ୯ ରୁ ୧୦ ଫୁଟ ରହିଥିଲା। ଏଭଳି ସମୁଦ୍ରରେ ଆନ୍ଧ୍ରପ୍ରଦେଶ ଓଡିଶାରୁ ଟ୍ରଲର ମାଡ଼ରେ ପ୍ରତିବର୍ଷ ବିରଳ ସାମୁଦ୍ରିକ ଡଲ୍‌ଫିନ ଭଳି ଅନେକ ମାଛ ମୃତ୍ୟୁବରଣ କରୁଛନ୍ତି।

### ମହିଳାଙ୍କୁ ଅସଦାଚରଣ, ଆକ୍ରମଣ: ୨ କୋର୍ଟ ଚାଲାଣ

**ବ୍ରହ୍ମପୁର ଅଫିସ,୨୯।୭:** ଜଣେ ମହିଳାଙ୍କୁ ରାସ୍ତାରେ ଅସଦାଚରଣ ସହ ଆକ୍ରମଣ କରିଥିବା ଅଭିଯୋଗରେ ସଦର ପୋଲିସ ୨ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ କେ. ଶିବ ଶଙ୍କର ପାତ୍ର ଓ କେ. କାଳିଆ ପାତ୍ର। ମାମଲା ନଂ.୩୩୨/୨୨ରେ ଉଭୟଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତଦ୍ୱୟ ଜଣେ ମହିଳାଙ୍କୁ ବିଭିନ୍ନ ସମୟରେ ଅଶ୍ଳୀଳ କମେଣ୍ଟ କରୁଥିଲେ। ଏପରିକି ତାଙ୍କୁ ଫୋନ କରି ମଧ ଦୁର୍ବ୍ୟବହାର କରୁଥିଲେ। ଗୁରୁବାର ମହିଳା ଜଣଙ୍କ ବଜାରରୁ ଘରକୁ ଫେରିବା ବେଳେ ରାସ୍ତାରେ ଅଭିଯୁକ୍ତଦ୍ୱୟ ତାଙ୍କୁ ଅଟକାଇ ଟଣାଓଟରା କରିଥିଲେ। ମହିଳା ପ୍ରତିବାଦ କରିବାରୁ ସେମାନେ ଏକ କାଠଫାଳିଆରେ ଆକ୍ରମଣ କରିଥିଲେ।

### ଶିକ୍ଷା ବିଭାଗର ପାଠଚକ୍ର

**ବ୍ରହ୍ମପୁର ଅଫିସ,୨୯।୭:** ସହର ଉପକଣ୍ଠସ୍ଥ ଆମ୍ବପୁଆ ସିଟି ମହାବିଦ୍ୟାଳୟରେ ଶୁକ୍ରବାର ଶିକ୍ଷା ବିଭାଗ ପକ୍ଷରୁ ଏକ ଦିବସୀୟ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜୀବନର ପୋଷଣ ନିମନ୍ତେ ଶିକ୍ଷାର ଆବଶ୍ୟକତା ଶୀର୍ଷକ ପାଠଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମହାବିଦ୍ୟାଳୟର ଅଧକ୍ଷା ପ୍ରଫେସର ଅନିତା କୁମାରୀ ପଣ୍ଡା ଅଧକ୍ଷତା କରିଥିଲେ। ମୁଖ୍ୟବକ୍ତା ଭାବେ ଇନ୍ଦିରା ମେମୋରିଆଲ ମହାବିଦ୍ୟାଳୟ ଚାନ୍ଦିପୁଟ କୋରାପୁଟର ଶିକ୍ଷା ବିଭାଗୀୟ ମୁଖ୍ୟ ଅଧାପକ ଡ଼. ଅଜୟ କୁମାର ପେଣ୍ଡୋଇ ଯୋଗଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଯୁକ୍ତ ତିନି ଶିକ୍ଷା ବିଭାଗର ଛାତ୍ରୀଛାତ୍ର ମାନେ ଉପସ୍ଥିତ ଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଶିକ୍ଷା ବିଭାଗର ବରିଷ୍ଠ ପ୍ରଧାପକ ରଘୁନାଥ ପଣ୍ଡା, ଡ଼.ପ୍ରକାଶ ଚନ୍ଦ୍ର ମହାପାତ୍ର, ଡ଼.ମିନତୀ ସାହୁ, ଅଧାପିକା ପ୍ରିତାଭାଷିନୀ ପାତ୍ର,ମାଧୁରୀ ପାଢ଼ୀଙ୍କ ସମେତ ମହାବିଦ୍ୟାଳୟ କ୍ରୀଡ଼ାଅଧିକାରୀ ସଚ୍ଚିଦାନନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ୫୬ ଦୋକାନରୁ ଆଦାୟ ହେଲାଣି ଜରିମାନା

**ବ୍ରହ୍ମପୁର ଅଫିସ,୨୯।୭**

**ଜିଲାର ବିଭିନ୍ନ ତମାଖୁ ବିକ୍ରି ଦୋକାନରେ ଚଢ଼ାଉ**

ବ୍ରହ୍ମପୁର ମହାନଗର ସମେତ ଗଞ୍ଜାମ ଜିଲାର ବିଭିନ୍ନ ଅଞ୍ଚଳରେ ବେଆଇନ ତମାଖୁ ଓ ସିଗାରେଟ ଆଦି ବହୁଳ ଭାବେ ବିକ୍ରି ହେଉଛି। ଜିଲାରେ କୋଟପା ଆଇନ କଡ଼ାକଡି କରିବା ପାଇଁ ପ୍ରତିବର୍ଷ ତମାଖୁ ବିକ୍ରି ଦୋକାନଗୁଡିକରେ ଯାଞ୍ଚ କରାଯାଉଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡ଼ିଏମଓ) ଡା. ଉମାଶଙ୍କର ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଚଢ଼ାଉ ପାଇଁ ଏକ ସ୍କ୍ୱାଡ଼ ଗଠନ କରାଯାଇଛି। ଏଥିରେ ଜିଲା ସ୍ୱାସ୍ଥ୍ୟ ବିଭାଗର ଖାଦ୍ୟ ସୁରକ୍ଷା ଅଧିକାରୀ, ପୋଲିସ, ଅବକାରୀ କର୍ମଚାରୀ ଓ ଡ୍ରଗ୍ସ ଇନ୍‌ସପେକ୍ଟର ସାମିଲ ରହିଛନ୍ତି। ଗତ ୨୦ ତାରିଖରେ ବ୍ରହ୍ମପୁର ମହାନଗର ନିଗମର ୩୦ଟି ଦୋକାନରେ ଚଢ଼ାଉ ହୋଇଥିଲା। ଦୋକାନୀ ବେଆଇନ ଭାବେ ତମାଖୁ ଓ ସିଗାରେଟ ଆଦ ବିକ୍ରି କରୁଥିବାରୁ ସେମାନଙ୍କ ଠାରୁ ୭୨୮୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ଗତ ୨୧ ତାରିଖରେ ଖଲ୍ଲିକୋଟ ବ୍ଲକରେ ୨୨ଟି ଦୋକାନରୁ ୪୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ୨୨ ତାରିଖରେ ବେଲଗୁଣ୍ଠା ବ୍ଲକରେ ବେଆଇନ ଭବେ ତମାଖୁ ଓ ସିଗାରେଟ ବିକ୍ରି ହେଉଥିବା ୪ଟି ଦୋକାନରୁ ୧୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଏପରି ମୋଟ ୫୬ଟି ଦୋକାନରେ ଚଢ଼ାଉ କରାଯାଇ ୧୩,୨୮୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଆଗକୁ ଏପରି ଚଢ଼ାଉ ଜିଲାର ଅନ୍ୟ ବ୍ଲକଗୁଡିକରେ କରାଯିବ ବୋଲି ସିଡ଼ିଏମଓ ମିଶ୍ର ସୂଚନା ଦେଇଛନ୍ତି। ତମାଖୁ ଓ ସିଗାରେଟ ବିକ୍ରି କରୁଥିବା ଦୋକାନରେ ଚଢ଼ାଉ କରାଯିବା ସହ ଲୋକଙ୍କୁ ଏସବୁ ବର୍ଜନ କରିବା ପାଇଁ ସଚେତନ କରାଯିବ ବୋଲି ସିଡ଼ିଏମଓ ମିଶ୍ର କହିଛନ୍ତି।

# ଗଞ୍ଜାମ, ଛତ୍ରପୁରର ୩୨ ଗାଁ ଉପକୃତ ହେବେ

**ଛତ୍ରପୁର,୨୯।୭(ଡି.ଏନ.ଏ)**

**ଋଷିକୁଲ୍ୟାରେ ହେବ ବ୍ୟାରେଜ୍**

ଋଷିକୁଲ୍ୟା ନଦୀର କଂସାରୀଗଣ୍ଡ ଠାରେ ବ୍ୟାରେଜ୍ ନିର୍ମାଣ ଲାଗି ସରକାରଙ୍କ ମଞ୍ଜୁରୀ ମିଳିଛି। ଏହି ବ୍ୟାରେଜ୍ ନିର୍ମାଣ ହେଲେ ଛତ୍ରପୁର ଓ ଗଞ୍ଜାମ ବ୍ଲକର ୩୨ ଗାଁର ଲୋକେ ଉପକୃତ ହେବେ। ଏଥିସହ ସ୍ଥାନୀୟ ଚାଷୀଙ୍କ ଜମିକୁ ଜଳସେଚନ ମିଳିବା ସହ ମତ୍ସ୍ୟଜିବୀ ଉପକୃତ ହୋଇପାରିବେ । ଏପରିକି ଭୂତଳ ଜଳ ରିଚାର୍ଜ ହେବ। ଏହି ବ୍ୟାରେଜ୍ ନିର୍ମାଣ ଲାଗି ୧୪୯ .୬୦ କୋଟି ଖର୍ଚ୍ଚ କରାଯିବ । ଛତ୍ରପୁର ଓ ଗଞ୍ଜାମ ବ୍ଲକର ପୋଟଲାମପୁର, ବଡମାଧପୁର, ପୋଇରାଶି ପଞ୍ଚାୟତବାସୀଙ୍କ ଦୀର୍ଘ ଦିନ ର ଦାବି ପୂରଣ ହେବାକୁ ଯାଉଛି। ଏହାକୁ ପୂର୍ବତନ ବାଚସ୍ପତି ରାମଚନ୍ଦ୍ର ପଣ୍ଡା ସ୍ୱାଗତ ଜଣାଇବା ସହ ଏଥିଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକ ପ୍ରେସ ବିବୃତିରେ କୃତଜ୍ଞତା ଜଣାଇଛନ୍ତି। ପୋଟଲାମପୁର ସରପଞ୍ଚ ନିରଞ୍ଜନନ ସ୍ୱାଇଁ, ପୋଇରାଶି ସରପଞ୍ଚ ରବିନ୍ଦ୍ର ବେହେରା, ପୂର୍ବତନ ଯୁଡିଏସପୁର ସମିତିସଭ୍ୟ ଶତୃଘ୍ନ ମହାଙ୍କୁଡ ମଧ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ସହାୟକ ହେବ ହର୍ନ ଗ୍ୟାପ୍ ଫ୍ୟୁଜ୍




ଆଇଟିଆଇ ଛାତ୍ରୀଛାତ୍ର ଓ ଟିପିଏସଓଡିଏଲ କର୍ମଚାରୀଙ୍କ ଦ୍ୱାରା ଫ୍ୟୁଜ ପକାଯାଉଛି।

**ବ୍ରହ୍ମପୁର ଅଫିସ,୨୯।୭**

**ଆଇଟିଆଇ, ଟିପିଏସ୍‌ଓଡିଏଲ୍‌ର ମିଳିତ ଉଦ୍ୟମ ସଫଳ**

ବ୍ରହ୍ମପୁର ଶିଳ୍ପ ତାଲିମ ବୈଷୟିକ ଅନୁଷ୍ଠାନ (ଆଇଟିଆଇ) ଓ ଟିପିଏସଓଡିଏଲର ମିଳିତ ଉଦ୍ୟମରେ ହର୍ନ ଗ୍ୟାପ ଫ୍ୟୁଜ ପ୍ରସ୍ତୁତ କରାଯାଇଛି। ସାଧାରଣତଃ ବିଦ୍ୟୁତ ଟ୍ରାନ୍ସଫର୍ମରଗୁଡିକରେ ୧୧ କେ.ଭି ବିଦ୍ୟୁତ ଯାଇଥାଏ। ଫ୍ୟୁଜ୍ ଚାଲିଗଲେ ଲାଇନମ୍ୟାନ ଟ୍ରାନ୍ସଫର୍ମର ଉପରକୁ ଯାଇ ଫ୍ୟୁଜ ପକାଇଥାନ୍ତି। କିନ୍ତୁ ପ୍ରଥମ ଥର ପାଇଁ ଆଇଟିଆଇ ଓ ଟିପିଏସଓଡିଏଲର ମିଳିତ ସହଯୋଗରେ ହର୍ନ ଗ୍ୟାପ୍ ଫ୍ୟୁଜ ନିର୍ମାଣ କରାଯାଇଛି। ଯେଉଁଥିରେ ଲାଇନମ୍ୟାନ ଟ୍ରାନ୍ସଫର୍ମର ଉପରକୁ ନ ଯାଇ ଏକ ଟୋଲ ସାହାର୍ଯ୍ୟରେ ଫ୍ୟୁଜ ପକାଇପାରିବେ ବୋଲି ଆଇଟିଆଇ ଅଧକ୍ଷ ଡ.ରଜତ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଏହାଦ୍ୱାରା ଲାଇନମ୍ୟାନମାନେ ସୁରକ୍ଷିତ ଭାବେ କାମ କରିପାରିବେ। ଆଇଟିଆଇ ପକ୍ଷରୁ ଦୀର୍ଘ ୬ରୁ ୭ମାସ ଧରି ଏହାର ପ୍ରସ୍ତୁତି ଚାଲିଥିଲା। ଶୁକ୍ରବାର ପରୀକ୍ଷାମୂଳକ ଭାବେ ହର୍ନ ଗ୍ୟାପ ଫ୍ୟୁଜ ଲଗାଯାଇଥିବା ବେଳେ ଏହା ସଫଳ ହୋଇଛି। ଆଇଟିଆଇର ଏଭଳି ପଦକ୍ଷେପ ଆଗାମୀ ଦିନରେ ସହାୟକ ହେବ ବୋଲି ଟିପିଏସଓଡିଏଲ ପକ୍ଷରୁ କୁହାଯାଇଛି। ଫ୍ୟୁଜ ନିର୍ମାଣ କରିବାରେ ଆଇଟିଆଇର ଇଲେକ୍ଟ୍ରିସିଆନ ଛାତ୍ରୀଛାତ୍ର ଓ ଶିକ୍ଷକ ସହଯୋଗ କରିଛନ୍ତି।

# ଥାନାରେ ବିଷ ପିଇଲେ ମହିଳା

**ଗୋପାଳପୁର,୨୯।୭(ଡି.ଏନ.ଏ.)**

ଗୋପାଳପୁର ଥାନାରେ ଶୁକ୍ରବାର ସନ୍ଧ୍ୟାରେ ଜଣେ ମହିଳା କୀଟନାଶକ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ମାଣ୍ଡିଆପଲ୍ଲୀ ଗ୍ରାମ ଜ୍ୟୋତିନଗରର ଏହି ମହିଳା ଜଣକ କୌଣସି ଅଭିଯୋଗ ନେଇ ଗୋପାଳପୁର ଥାନାକୁ ଯାଇଥିଲେ। ଏଏସ୍‌ଆଇ ପୁଷ୍ପା ମଲ୍ଲିକ ତାଙ୍କୁ କିଛି ପଚାରିବା ପୂର୍ବରୁ ସେ ଏକ ପାଣିବୋତଲରେ ପ୍ରସ୍ତୁତ କରି ଆଣିଥିବା କୀଟନାଶକ ପିଇ ଦେଇଥିଲେ। ଏଏସଆଇ ତାଙ୍କ ହାତରୁ ବୋତଲଟିକୁ ଛଡ଼ାଇ ନେଇଥିଲେ। ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡ଼ିକାଲରେ ଭର୍ତ୍ତି କରିଥିଲେ। ବର୍ତ୍ତମାନ ତାଙ୍କର ଚିକିତ୍ସା ଚାଲିଛି। ସଦର ଏସଡ଼ିପିଓ ଶିବଶଙ୍କର ମହାପାତ୍ରଙ୍କୁ ପଚାରିବାରୁ, କୌଣସି ପାରିବାରିକ କଳହକୁ ନେଇ ମହିଳା ଜଣକ ଥାନାକୁ ଆସିଥିଲେ ଏବଂ ଅଭିଯୋଗ କରିବା ପୂର୍ବରୁ ସେ ସାଙ୍ଗରେ ଆଣିଥିବା କୀଟନାଶକ ପିଇଦେଇଥିଲେ। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କଳହ ଅଛି ଓ ଉଭୟ ଅଲଗା ରହୁଛନ୍ତି। ପୋଲିସ ନିଜଆଡୁ ୧୪୫/୨୨ ରେ ଥାନାରେ ମାମଲା ରୁଜୁ କରି ସ୍ୱାମୀଙ୍କୁ ଅଟକ ରଖି ପଚରାଉଚରା କରୁଛି। ଅପରପକ୍ଷରେ ବଡ଼ମେଡ଼ିକାଲରେ ସଦର ଏସଡ଼ିପିଓ ମହାପାତ୍ର, ଗୋପାଳପୁର ଥାନା ଅଧିକାରୀ ଶ୍ରୀକାନ୍ତ ଖମାରୀ ଓ ଅନ୍ୟ ପୋଲିସ ଅଧିକାରୀ ପହଞ୍ଚିଥିବା ଜଣାପଡ଼ିଛି।

# ଫଲ୍‌ଗୁ ସାହିତ୍ୟ ସଂସଦର ସାହିତ୍ୟ ଆସର



କାର୍ଯ୍ୟକ୍ରମରେ ଉପସ୍ଥିତ ସଂସଦର ସଦସ୍ୟ ବୃନ୍ଦ।

**ବ୍ରହ୍ମପୁର ଅଫିସ୍,୨୯।୭**

ଫଲଗୁ ସାହିତ୍ୟ ସଂସଦର ସାହିତ୍ୟ ଆସର ଟାଟାବେଞ୍ଜି ଛକ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂସଦର ସଭାପତି ବିଷ୍ଣୁ ଚରଣ ଚୌଧୁରୀ ଅଧକ୍ଷତା କରିଥିଲେ। କାର୍ଯ୍ୟକାରୀ ସଭାପତି ମେଜର ଡ. ରମା ରମଣ ପାଢ଼ୀ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ମୁଖ୍ୟଅତିଥି ରୂପେ ସଂସଦର ଉପଦେଷ୍ଟା ଅବସରପ୍ରାପ୍ତ ବିଚାରପତି ଅବନୀ ରଞ୍ଜନ ଦାସ, ସାଧାରଣ ସମ୍ପାଦକ ଡା. ସାଗର ରଞ୍ଜନ ତ୍ରିପାଠୀ ଓ ଯୁଗ୍ମ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ଯୋଗ ଦେଇଥିଲେ। ସଂସଦର ଉପଦେଷ୍ଟା ଦାସ ଫଲଗୁ ସାହିତ୍ୟ ସଂସଦ ଗଠନର ମୂଳ ଲକ୍ଷ୍ୟ ଥିଲା ଗୁଣାତ୍ମକ ସାହିତ୍ୟ ତଥା ସାହିତ୍ୟିକ ସୃଷ୍ଟି କରିବା। ଏଣୁ କବି ଲେଖକ ସାହିତ୍ୟିକମାନେ ନିଷ୍ଠାପର ଭାବରେ ଗୁଣାତ୍ମକ ରଚନା ପ୍ରତି ବିଶେଷ ଧ୍ୟାନ ଦେବାକୁ ସେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକାରୀ ସଭାପତି ପ୍ରକୃତି ବର୍ଣ୍ଣନା ବିନା ସାହିତ୍ୟ ଅସଂପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ସାଧାରଣ ସମ୍ପାଦକ ଡା. ତ୍ରିପାଠୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ସଂସଦର ସାହିତ୍ୟିକ ଦୀନବନ୍ଧୁ ଶ୍ରୀପଲ୍ଲବ ଉତ୍କଳ ସମ୍ମିଳନୀର ରାଜ୍ୟ ସମ୍ପାଦକ ଭାବରେ ନିର୍ବାଚିତ ହୋଇଥିବାରୁ ତାଙ୍କୁ ଫଲଗୁ ପରିବାର ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାହିତ୍ୟ ଆସର କବିତା ପାଠୋତ୍ସବକୁ ଗାଳ୍ପିକ ଶରତ କୁମାର ଦାସ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗବେଷକ ଡ. ଭାରତ ପଣ୍ଡା, ଡ. ବନମାଳୀ ପାଣିଗ୍ରାହୀ, ଭିକାରୀ ଚରଣ ମହାପାତ୍ର, ଡ. ବାୟାମନୁ ଚର୍ଚ୍ଚି, ପଦ୍ମିନୀ ମିଶ୍ର, ମଞ୍ଜୁପ୍ରଭା ତ୍ରିପାଠୀ, ତ୍ରିନାଥ ନାୟକ, ସୁରେଶ ଚନ୍ଦ୍ର ମହାପାତ୍ର, ଶ୍ୟାମସୁନ୍ଦର ଖାଡଙ୍ଗା, ନୃସିଂହ ପ୍ରସାଦ ପଣ୍ଡା, ବିରୁପାକ୍ଷ ଦାଶ ପ୍ରମୁଖ ସ୍ୱରଚିତ ଗଳ୍ପ କବିତା ପାଠ କରିଥିଲେ।

# ଏମ୍‌କେସିଜି ପିଜି ଛାତ୍ରଙ୍କୁ ପଢ଼ାଇଲେ ଆୟରଲାଣ୍ଡର ଡାକ୍ତର



ଏମ୍‌କେସିଜି ମେଡିକାଲରେ ପିଜି ଛାତ୍ରଙ୍କୁ ଅନ୍ତର୍ଜାତୀୟ ଅସ୍ଥିଶଲ୍ୟ ବିଶେଷଜ୍ଞ ପଢ଼ାଉଛନ୍ତି ।

**ବ୍ରହ୍ମପୁର ଅଫିସ,୨୯।୭**

ଆୟରଲାଣ୍ଡରେ କାର୍ଯ୍ୟରତ ଡାକ୍ତର ତଥା ଅନ୍ତର୍ଜାତୀୟ ଅସ୍ଥିଶଲ୍ୟ ବିଶେଷଜ୍ଞ ପ୍ରଫେସର ଅନନ୍ତ ମହାପାତ୍ର ଏମକେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲର ପିଜି ଛାତ୍ରଙ୍କୁ ଶୁକ୍ରବାର ପାଠ ପଢାଇଛନ୍ତି। ଓଡ଼ିଶାରରେ ଜନ୍ମିତ ପ୍ରଫେସର ମହାପାତ୍ର ଏମକେସିଜିରେ ଅତିଥି ପ୍ରାଧାପକ ଭାବେ ଯୋଗଦେଇ ପ୍ରଥମେ ଅଧକ୍ଷ ତଥା ଡିନ ପ୍ରଫେସର ଅବନୀକାନ୍ତ ମିଶ୍ରଙ୍କୁ ସାକ୍ଷାତ କରିଥିଲେ। ଏହାପରେ ଅସ୍ଥିଶଲ୍ୟ ବିଭାଗକୁ ଯାଇ ସେଠାରେ ପୂର୍ବରୁ ଉପସ୍ଥିତ ଥିବା ପିଜି ଛାତ୍ରଙ୍କୁ ବିଭିନ୍ନ ବିଷୟରେ ଶିକ୍ଷା ଦେଇଥିଲେ। ଏହାକୁ ଏମକେସିଜି ଅସ୍ଥିଶଲ୍ୟ ବିଭାଗ ଡାକ୍ତର ସୁଧୀର ମହାପାତ୍ର, ଅଶୋକ ନାୟକ, ସଞ୍ଜୟ ବେହେରା, ରବୀନ୍ଦ୍ର ନାୟକ ପ୍ରମୁଖ ସଂଯୋଜନା କରିଥିଲେ।

# ଦୋକାନ ଉପରକୁ ବୋମାମାଡ଼ ଘଟଣା: ୩ ଗିରଫ

**ଗଞ୍ଜାମ,୨୯।୭(ଡି.ଏନ.ଏ.)**

ଗଞ୍ଜାମ ଥାନା ଅନ୍ତର୍ଗତ ନୂଆଗାଁ ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏକ ଦୋକାନକୁ ଗତ ଶନିବାର ହୋଇଥିବା ବୋମାମାଡ଼ ଘଟଣାରେ ପୋଲିସ ଶୁକ୍ରବାର ୩ ଯୁବକଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି। ସେମାନେ ହେଲେ ଛତ୍ରପୁର ଦେବୀନଗରର ସାନ୍ତୁନୁ ତରାଇ, ଭାଗ୍ୟଲକ୍ଷ୍ମୀ ନଗରର ମନୋରଞ୍ଜନ ମିଶ୍ର, ନୀଳାଦ୍ରିପୁର ଗ୍ରାମର ପ୍ରଦୀପ କୁମାର ପ୍ରଧାନ। ଜଣେ ନାବାଳକ ମଧ ଏଥିରେ ସମ୍ପୃକ୍ତ ଅଛନ୍ତି। ସାନ୍ତନୁ ମୁଖ୍ୟ ଅଭିଯୁକ୍ତ ଏବଂ ପ୍ରଦୀପ ବୋମା ଯୋଗାଇଥିଲେ ବୋଲି ଗଞ୍ଜାମ ଥାନା ଅଧିକାରୀ ସୁଦୀପ୍ତ କୁମାର ସାହୁ କହିଛନ୍ତି। ପ୍ରେମ ଓ ପୂର୍ବ ଶତ୍ରୁତାରୁ ବୋମା ମାଡ଼ କରିଥିବା ଅଭିଯୁକ୍ତ ସାନ୍ତନୁ ସ୍ୱୀକାର କରିଥିବା ଗଞ୍ଜାମ ଥାନା ଏସଆଇ ଅଜିତ କୁମାର ପରିଡା କହିଛନ୍ତି। ଏହି ବୋମା ମାଡ଼ ଘଟଣାରେ ସଂଶ୍ଳିଷ୍ଟ ଅନ୍ୟ ଜଣେ ଅଭିଯୁକ୍ତ ଏବେ ବ୍ରହ୍ମପୁର ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଘଟଣା ପରଠାରୁ ସମସ୍ତ ଅଭିଯୁକ୍ତ ଫେରାର ଥିଲେ। ପ୍ରେମ ସମ୍ପର୍କକୁ ନେଇ ନୂଆଗାଁ ରାମ ଗୌଡ଼ ଓ ସାନ୍ତୁନୁଙ୍କ ମଧ୍ୟରେ ଗତ ଦୁଇମାସ ତଳେ ଛତ୍ରପୁର ଠାରେ ଝଗଡା ହୋଇଥିଲା। ସେହି ରାଗ ରଖି ସାନ୍ତୁନୁ ବୋମା ମାଡ଼ କରିଥିବା ପୋଲିସ କହିଛି।

# ଶ୍ରୀଅରବିନ୍ଦ ପାଠଚକ୍ର ଜିଲାସ୍ତରୀୟ ସମ୍ମିଳନୀ




ସମ୍ମିଳନୀରେ ଉପସ୍ଥିତ ଅତିଥି

**ବ୍ରହ୍ମପୁର ଅଫିସ,୨୯।୭**

ଶ୍ରୀ ଅରବିନ୍ଦ୍ର ପାଠଚକ୍ର ଗଞ୍ଜାମ ଜିଲା ସମ୍ମିଳନୀ ଶୁକ୍ରବାର ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଯାଇଛି। ଗୋଷାଣୀ ନୂଆଗାଁ ମୀରା ବିହାରସ୍ଥ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କନ୍ଧମାଳ, ଗଞ୍ଜାମ ଓ ଗଜପତି ଜିଲାର ବିଭିନ୍ନ ସ୍ଥାନରୁ ଦୁଇ ହଜାରରୁ ଅଧିକ ମାତୃଭକ୍ତ ଶିକ୍ଷୟତ୍ରୀ ଶିକ୍ଷକ ଓ ସଂଗଠକ ଯୋଗ ଦେଇଥିଲେ। ସାମ୍ପ୍ରତିକ ସମାଜରେ ଶ୍ରୀ ମା ଓ ଶ୍ରୀ ଅରବିନ୍ଦଙ୍କ ମହାନ ଆଦର୍ଶରେ ସମସ୍ତେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦିଆଯାଇଥିଲା। ଏହି ଅବସରରେ ଶ୍ରୀ ଅରବିନ୍ଦଙ୍କ ୧୫୦ତମ ଜନ୍ମ ବାର୍ଷିକୀ ପାଳନ କରାଯାଇଥିଲା। ଆଧ୍ୟାତ୍ମିକ ପତାକା ଉତ୍ତୋଳନ ସହ ମାତୃ ସଂଗୀତ ଗାନ କରାଯାଇଥିଲା। ସମ୍ମିଳନୀକୁ ଗଦାଧର ମିଶ୍ର, ପ୍ରସାଦ ତ୍ରିପାଠୀ ଓ କପିଳାସ ପ୍ରସାଦ ଦାସ ସମ୍ବୋଧିତ କରିଥିଲେ। ମଣିଷର ଚେତନାର ପରିବର୍ତ୍ତନ ଓ ଭବିଷ୍ୟତକୁ ସମାଧାନ ନେଇ ବିସ୍ତୃତ ଆଲୋକପାତ କରାଯାଇଥିଲା। ଏ ଦିଗରେ ଶ୍ରୀଅରବିନ୍ଦ ଶିକ୍ଷାକେନ୍ଦ୍ରର ଭୂମିକା ନେଇ ସାଧକମାନେ ଦିଗଦର୍ଶନ ଦେଇଥିଲେ। ପ୍ରବକ୍ତା ବ୍ରଜ ମୋହନ ବେହେରା ଉଦବୋଧନ ଦେଇଥିଲେ। ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ୫ ଶିକ୍ଷୟିତ୍ରୀ ମାତୃ ସଂଗୀତ ପରିବେଷଣ କରିଥିଲେ। ନିଖିଳ ଓଡ଼ିଶା ଶ୍ରୀ ଅରବିନ୍ଦ ପାଠଚକ୍ର ସମୂହର ସଂଗଠନ ଆନୁକୂଲ୍ୟରେ ସମ୍ମିଳନୀ କରାଯାଇଥିଲା। ଗଞ୍ଜାମ ଜିଲା ଆବାହକ ଗଦାଧର ବେହେରା ଓ ଲକ୍ଷ୍ମୀ ଚରଣ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ବିକାଶ ପାଢ଼ୀ ଓ ଅନ୍ୟମାନେ ସହଯୋଗ କରିଥିଲେ। ଏହି ଅବସରରେ ଅସ୍ପୃହା ପତ୍ରିକା ଲୋକାର୍ପିତ ହୋଇଥିଲା।

# ଭାଜପାର କାର୍ଯ୍ୟକାରିଣୀ ବୈଠକ

**ପାତ୍ରପୁର,୨୯।୭(ଡି.ଏନ.ଏ.)**

ପାତ୍ରପୁର ବ୍ଲକ ସାମନ୍ତରାପୁର ପଞ୍ଚାୟତ ଖାରିଆ ଗ୍ରାମ କଣ୍ଟେଶର ମହାଦେବଙ୍କ ପୀଠରେ ଭାଜପାର ମଣ୍ଡଳସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋରଞ୍ଜନ ଦ୍ୟାନସାମନ୍ତରା ଏବଂ ଜିଲା ଉପ ସଭାପତି ମୋହନ ରାଓ ବିଶିଷ୍ଟ ସମାଜ ସେବକ ତଥା ବିଧାନସଭା ସଂଯୋଜକ ଆପନା ପ୍ରଧାନ ପାତ୍ରପୁର ୩୪ନଂ ଜୋନ ଜିଲା ପରିଷଦ ସଭ୍ୟ ଏମ କାମାରାଜୁ, ଏସ୍‌ଟି ମୋର୍ଚ୍ଚା ସଭାପତି ଧନୁ ଶବର, ପାତ୍ରପୁର ମଣ୍ଡଳ ସଭାପତି ରାକେଶ ରେଡ୍ଡୀ, ସୁରଙ୍ଗି ମଣ୍ଡଳ ସଭାପତି ରଞ୍ଜନ ପ୍ରଧାନ, ଜରଡ଼ା ମଣ୍ଡଳ ସାଧାରଣ ସମ୍ପାଦକ କେଦାର ମହାନ୍ତି ଓ ସନ୍ତୋଷ ପାତ୍ରଙ୍କ ସହ ବହୁ ଦଳୀୟ କର୍ମୀ ଉପସ୍ଥିତ ରହି ଜରଡା ମଣ୍ଡଳର ଉନ୍ନତମାନର କାର୍ଯ୍ୟକଳାପ ଏବଂ ଆସନ୍ତା ୨୦୨୪ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଦଳୀୟ କର୍ମିମାନେ ଲୋକଙ୍କୁ ଉଚିତ ସେବା ଯୋଗାଇ ଦେବା ସହିତ ଆସନ୍ତା ବିଧାନସଭା ନିର୍ବାଚନରେ ଦଳୀୟ ପ୍ରାର୍ଥୀ ବିଜୟୀ କରିବା ପାଇଁ କର୍ମୀମାନଙ୍କୁ ଉପଦେଶ ଦେଇଥିଲେ। ଏଥିସହିତ ଆସନ୍ତା ଅଗଷ୍ଟ ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ଜନସାଧାରଣଙ୍କୁ ଘରେ ଘରେ ଜାତୀୟ ପତାକା ଲଗାଇବା ପାଇଁ ଅନୁରୋଧ କରିଥିଲେ।



## SCHEDULE-17

# NOTES TO ACCOUNTS

### ANNEXURE (A)

## DISCLOSURE OF ADDITIONAL INFORMATION AS PER RBI CIRCULAR No.- 44, Dt. 10.10.2005

| Sl. No. | PARTICULARS | AMOUNT |
|---|---|---|
| 1 | Investments- (only SLR) with break-up under permanent and current category- Under current category with the following break-up | |
| | (a) Book value and face value of Investments | Rs.1250000000.00 |
| | (b) Market value of Investments | Rs.1232570000.00 |
| | [Further, as regards non-SLR investment, instructions for disclosure already issued vide RBI Circular RPCD, CO,RF BC No.65/07.02.03/2003-04 dated February 23,2004 should be strictly adhered to ] | Share with OSCB Rs.174595000.00/- FD with Banks Rs.2706603327.39 |
| 2 | Advance to directors, their relatives, companies/firms in which they are interested. | Nil |
| | (a) Funds-based | Nil |
| | (b) Non-funds based {Guarantees, L/C, etc.} | Nil |
| 3 | Cost of Deposits-Average Cost of Deposits | 5.70% |
| 4 | NPAs | |
| | (a) Gross NPAs | Rs.680358960.21 |
| | (b) Net NPAs | Rs. 395712960.05 |
| | (c) Percentage of gross NPAs to total advances and | 11.39% |
| | (d) Percentage of net NPAs to net advances | 6.62% |
| 5 | Movement of NPAs | |
| | (a) Opening Balance | Rs.586726345.45 |
| | (b) Added during the year | Rs.115755216.9 |
| | (c) Recoveries | Rs.22122602.14 |
| | (d) Closing Balance | Rs.680358960.21 |
| 6 | Profitability | |
| | (a) Interest income as percentage of working funds | 6.87% |
| | (b) Non-interest income as a percentage of working funds | 0.01% |
| | (c) Operating profit as a percentage of working funds | 1.69% |
| | (d) Return of Assetes | 0.36% |
| | (e) Business (Deposits+Advances) per employee | Rs.1142.96 Lakhs |
| | (f) Profit per employee | Rs.3.98 Lakhs |
| 7 | Provisions | |
| | (a) Provisions on NPAs required to be made | Rs.186357829.87 |
| | (b) Provisions on NPAs actually made | Rs.284646000.16/- |
| | (c) Provisions required to be made in respect of overdue interest taken into income account, gratuity fund, provident fund and arrears in reconciliation of inter-branch account etc. | For interest recevable- Rs.227320206.09, For others- Rs.Nil |
| | (d) Provisions actually made in respect of overdue interest taken into income account, gratuity fund, provident fund and arrears in reconciliation of inter-branch account. | For interest recevable- Rs.282252051.39, For others- Rs.Nil |
| | (e) Provisions required to be made on depreciation in investment | Nil |
| | (f) Provisions actually made on depreciation in investment | Nil |
| 8 | Movement in Provisions (Amount of Decrease) | |
| | (a) Towards NPAs | Nil |
| | (b) Towards depreciation on investments. | Nil |
| | (c) Towards standard Assets (Amount of Increase) | Nil |
| | (d) Towards all other items under 7 above | Nil |
| 9 | Payment of insurance premium to the DICGC, including arrears, if any | For Sept.21 Half Year Rs.3788082/-, For Mar.22 Half Year Rs.3948100/- |
| 10 | Penalty omposed by RBI for any violation | No |
| 11 | Information of extent of arrears in reconciliation of inter-bank and inter-branch accounts. | Reconciled |

Sd./- Manager O&A    Sd./- AGM (L&S)    Sd./- Secretary    Sd./- Statutory Auditor

## ସଂକ୍ଷେପରେ

### ଯୁକ୍ତ ୨ ପରୀକ୍ଷା
### ବିଦ୍ୟାଞ୍ଜଳି ବିଜ୍ଞାନରେ ଜିଲା ଟପ୍ପର



ପାରଳାଖେମୁଣ୍ଡି,୨୯।୭(ଡି.ଏନ୍.ଏ.)-ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ଗଜପତି ଜିଲା ଗୋଷାଣୀ ବ୍ଲକର ଗୁରାଣ୍ଡି ଗ୍ରାମର କାମିନୀ ବିଦ୍ୟାଞ୍ଜଳି ସର୍ବାଧିକ ୫୫୨ ନମ୍ବର ରଖି ଜିଲାରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ସେ ଗୁରାଣ୍ଡି ଗ୍ରାମର କାମିନୀ ଚନ୍ଦ୍ର ଶେଖର ରାଓଙ୍କ କନ୍ୟା। ଭବିଷ୍ୟତରେ ଜଣେ ଡାକ୍ତର ହେବାକୁ ଲକ୍ଷ ରଖିଥିବା ବିଦ୍ୟାଞ୍ଜଳି ପ୍ରକାଶ କରିଛନ୍ତି। ତାଙ୍କର ଏହି ସଫଳତାର ଶ୍ରେୟ ନିଜର ପିତାମାତା ଓ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଦେଇଛନ୍ତି। ଜିଲାରେ ସର୍ବାଧିକ ନମ୍ବର ରଖି ଥିବାରୁ କଲେଜ ଅଧକ୍ଷ ତିରୁପତି ବାଲଜି ପରିଛା ଏବଂ କଲେଜର ସମସ୍ତ ଅଧାପିକା ଅଧାପକ ବିଦ୍ୟାଞ୍ଜଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ଚାଟ୍ ବିକାଳିଙ୍କ ଝିଅ ଖଲିକୋଟ ବ୍ଲକ ଟପ୍ପର



ଖଲିକୋଟ,୨୯।୭(ଡି.ଏନ.ଏ.)-ଖଲିକୋଟ ବ୍ଲକ ଅନ୍ତର୍ଗତ ଗୁରାପଲ୍ଲି ଛକ ନିକଟରେ ଚାଟ ଦୋକାନ କରିଥିବା ଜି. ମୋହନ ରାଓଙ୍କ ଝିଅ ଜି. ଶ୍ୱେତା +୨ ବିଜ୍ଞାନ ପରୀକ୍ଷାରେ ୫୬୦ ମାର୍କ ରଖି ଖଲ୍ଲିକୋଟ ବ୍ଲକ ଟପ୍ପର ହୋଇଛନ୍ତି। ଆଗକୁ ଡ଼ାକ୍ତର ହେବା ପାଇଁ ଲକ୍ଷ୍ୟ ରଖିଥିବା କହିଛନ୍ତି। ଏହି ସଫଳତା ପାଇଁ ବାପା ମୋହନ ରାଓ, ମା' ଜି. ରୋଜା ଏବଂ ଶିକ୍ଷୟତ୍ରୀ ଶିକ୍ଷକଙ୍କୁ ଶ୍ରେୟ ଦେଇଛନ୍ତି। ବ୍ରହ୍ମପୁର ଜ୍ଞାନ ବିକାଶରେ ଛାତ୍ରୀ ଥିଲେ। ପୂର୍ବରୁ ହାଇସ୍କୁଲ ପରୀକ୍ଷାରେ ୯୫% ମାର୍କ ରଖି ଖଲ୍ଲିକୋଟ ବ୍ଲକ ଟପ୍ପ ହୋଇଥିଲେ।

### ୫୦ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ

ଆର.ଉଦୟଗିରି,୨୯।୭(ଡି.ଏନ.ଏ.):ଗଜପତି ଜିଲା ମୋହନା ରାସ୍ତାରେ ବୁଧବାର ବିଳମ୍ବିତ ରାତିରେ ପୋଲିସ୍ ପାଟ୍ରୋଲିଂ କରୁଥିବା ସମୟରେ ଏକ ମାକ୍ସ ପିକ୍ ଅପ୍ ଗାଡ଼ି (ନଂ ଓଡି-୦୪ ୧୫୩୮)କୁ ଅଟକାଇବା ପାଇଁ ଚେଷ୍ଟା କରିଥିଲା। କିନ୍ତୁ ଗାଡ଼ିଟି ପୋଲିସ୍ ଉପରକୁ ମାଡ଼ି ଆସିଥିଲା ଓ ଫେରାର ହେବାକୁ ଚେଷ୍ଟା କରି ଚାଲି ଯାଇଥିଲା। ପୋଲିସ୍ ଗାଡ଼ିର ପିଛା କରି ମୋହନା ନିକଟରେ ଥିବା ନାରଙ୍ଗୀ ଛକରେ ଗାଡ଼ିଟିକୁ କାବୁ କରିଥିଲା। କିନ୍ତୁ ଗାଡ଼ିର ଡ୍ରାଇଭର ଚମ୍ପଟ ମାରିଥିଲା। ପୋଲିସ୍ ଗାଡ଼ିଟିକୁ ଯାଞ୍ଚ କରିବାରୁ ସେଥିରୁ ୪ କୁଇଣ୍ଟାଲ ୨୨ କିଲୋ ଗଞ୍ଜେଇ ବାହାରିଥିଲା। ମୋହନା ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ଓଜନ କରାଯାଇଥିଲା। ଜବତ ଗଞ୍ଜେଇର ଆନୁମାନିକ ବଜାର ଦର ୫୦ ଲକ୍ଷ ଟଙ୍କା ହେବ ବୋଲି ମୋହନା ଥାନା ପକ୍ଷରୁ ସୂଚନା ମିଳିଛି। ଥାନା ଅଧିକାରୀ ଶ୍ରୀକାନ୍ତ ଖମାରୀ ଓ ଅନ୍ୟ ପୋଲିସ ଅଧିକାରୀ ପହଞ୍ଚିଥିବା ଜଣାପଡ଼ିଛି।

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ରାସ୍ତାରୋକୋ

## ନବମ ଶ୍ରେଣୀ ଛାତ୍ରୀ ମୃତ୍ୟୁ ଘଟଣା

ଫୁଲବାଣୀ ଅଫିସ, ୨୯।୭

ନବମ ଶ୍ରେଣୀ ଛାତ୍ରୀ ମୃତ୍ୟୁ ଘଟଣାକୁ ନେଇ ପୋଲିସ ଅଡୁଆରେ ପଡ଼ିଛି। ଏହି ଘଟଣାରେ ବର୍ତ୍ତମାନ ସୁଦ୍ଧା ୧୦ ଜଣଙ୍କୁ ଗିରଫ କରାଯାଇଥିଲେ ହେଁ ଅନ୍ୟ ଅଭିଯୁକ୍ତମାନେ ଏବେ ବି ବାହାରେ ବୁଲୁଛନ୍ତି । ପୋଲିସ ଜାଣିଶୁଣି ସେମାନଙ୍କୁ ଗିରଫ କରୁନାହିଁ । ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ ଦାବିରେ ନାବାଳିକାଙ୍କ ପରିବାର ଲୋକେ ଏବଂ ଗ୍ରାମବାସୀ ସ୍ଥାନୀୟ ଏଫସିଆଇ ଛକରେ ଶୁକ୍ରବାର ରାସ୍ତାରୋକ କରିଛନ୍ତି । ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ ନକରିବା ପର୍ଯ୍ୟନ୍ତ ରାସ୍ତାରୋକରୁ ହଟିବୁ ନାହିଁ ବୋଲି ଗ୍ରାମବାସୀ ଅଡି ବସିଥିଲେ । ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରି ଆସନ୍ତା ୭ ଦିନ ମଧ୍ୟରେ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଗ୍ରାମବାସୀ ରାସ୍ତାରୋକରୁ ହଟିଥିଲେ।

ସୂଚନାଯୋଗ୍ୟ, ଗଉଡପଡା ଗ୍ରାମର ଜଣେ ନବମ ଶ୍ରେଣୀର ଝିଅ (୧୪) ଗତ ଜୁନ ମାସରେ ସ୍କୁଲ ଛୁଟି ହେବାରୁ ତାଙ୍କ ମାଆଙ୍କ ସାଙ୍ଗରେ ଘରକୁ ଆସିଥିଲେ । ଘରେ କିଛି ଦିନ ରହିବା ପରେ ସେ ଡକାଙ୍ଗିରେ ଥିବା ସାଙ୍ଗ ଘରକୁ ଯାଇଥିଲେ । କିନ୍ତୁ ସେଠାରୁ ଘରକୁ ଫେରି ନ ଥିଲେ । ଜୁନ ୧୬ ତାରିଖରେ ଆଇଟିଆଇ ପାଖ ନିକଟସ୍ଥ ଏକ ଆମ୍ବ ଗଛରେ ତାଙ୍କ ଝୁଲନ୍ତା ଶବ ଦେଖିବାକୁ ମିଳିଥିଲା । ଏହି ଘଟଣାକୁ ନେଇ ଜିଲାରେ ତୁମ୍ବି ତୋଫାନ ଚାଲିଥିଲା । ଏହା ଆତ୍ମହତ୍ୟା ନୁହେଁ, ତାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଛି ବୋଲି ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା । ପୋଲିସ ଏହି ଘଟଣାରେ କାହାରିକୁ ଗିରଫ କରିନଥିଲା । କଂଗ୍ରେସ ଏସ୍‌ପିଙ୍କୁ ଭେଟିବା ସହ ଅଭିଯୁକ୍ତଙ୍କ ଗିରଫ ଦାବି କରିଥିଲା । ଏହାପରେ କୁଇ ସମାଜ ସମାନ ଦାବି କରିଥିଲା। ଏବିଭିପି ଘଟଣାକୁ ନେଇ ଏକ ବିଶାଳ ରାଲି କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲା। ତୁରନ୍ତ ସେମାନଙ୍କୁ ଗିରଫ କରା ନଗଲେ ରାଜ୍ୟରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେବାରୁ ୯ ଜଣଙ୍କୁ ଗିରଫ କରିଥିଲା । ହେଲେ ଭାଇରାଲ ଭିଡିଓରେ ଯୁବତୀଙ୍କୁ ଯେଉଁମାନେ ଅସଦାଚାରଣ ସହ ମାଡ ମାରୁଛନ୍ତି, ସେମାନଙ୍କ ମଧ୍ୟରୁ ଅନେକଙ୍କୁ ପୋଲିସ ଗିରଫ କରୁନାହିଁ ବୋଲି ଗ୍ରାମବାସୀ ଏବଂ ପରିବାର ଲୋକେ ଅଭିଯୋଗ କରିଛନ୍ତି।



ରାସ୍ତାରେ ଗ୍ରାମବାସୀ ବସିଛନ୍ତି ।

### ଗ୍ୟାସ୍ ସିଲିଣ୍ଡର ଫାଟିବା ଘଟଣା
## ବାପାଙ୍କ ପରେ ପୁଅର ମୃତ୍ୟୁ

ଗୋପାଳପୁର,୨୯।୭(ଡି.ଏନ.ଏ.)

ଗୋପାଳପୁର ଥାନା ଅଧୀନ ରାମଚନ୍ଦ୍ରପୁର ଠାରେ ଗତ ୨୨ ତାରିଖରେ ଗ୍ୟାସ ସିଲିଣ୍ଡର ଫାଟି ଦେବରାଜ ନାୟକ ଓ ତାଙ୍କ ପୁଅ ଅଶୋକ ନାୟକ ଗୁରୁତର ହୋଇଥିଲେ। ଏହି ଘଟଣାରେ ପୂର୍ବରୁ ଦେବରାଜଙ୍କ ମୃତ୍ୟୁ ଘଟିଥିବା ବେଳେ ଶୁକ୍ରବାର ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଅଶୋକଙ୍କ ମୃତ୍ୟୁ ଘଟିଛି। ମୃତଦେହ ବ୍ୟବଚ୍ଛେଦ ପରେ ଅପରାହ୍ନରେ ରାମଚନ୍ଦ୍ରପୁରରେ ପହଞ୍ଚିଥିଲା। ସୂଚନାଥାଉକି, ବ୍ରହ୍ମପୁର ଇଣ୍ଡିଆନ ଗ୍ୟାସ ଏଜେନ୍ସିରେ ମୃତ ଦେବରାଜଙ୍କ ସହ ତାଙ୍କ ପୁଅ ଦୈତାରୀ ଓ ଅଶୋକ କାମ କରୁଥିଲେ। ଏଜେନ୍ସିର ଗ୍ୟାସ ବଣ୍ଟନ ପୂର୍ବରୁ ବାଣିଜ୍ୟ ଓ ଘରୋଇ ସିଲିଣ୍ଡରକୁ ଆଗୁଆ ଆଣି ଘରେ ଦୈତାରୀ ଗଚ୍ଛିତ ରଖିଥିଲେ। ପରେ ସେମାନେ କଳାବଜାରୀରେ ଗ୍ୟାସ ବିକ୍ରି କରୁଥିଲେ। ଗତ ୨୨ରେ ହଠାତ ଗ୍ୟାସ ଲିକ ହୋଇ ବିସ୍ଫୋରଣ ଘଟିଥିଲା। ଏଥିରେ ସମ୍ପୂର୍ଣ୍ଣ ଘରର କାନ୍ଥ ଓ ଛାତ ଭୁଶୁଡ଼ି ପଡ଼ିଥିଲା। ଏଥିରେ ଗୋପାଳପୁର ଥାନା ପୋଲିସ ୨୩ ତାରିଖରେ ନଂ.୧୩୫/୨୨ରେ ମାମଲା ରୁଜୁ କରି ଗ୍ୟାସ୍ ଏଜେନ୍ସିର ମାଲିକ ତ୍ରିଲୋଚନ ପାଣିଗ୍ରାହୀ ଓ ଦୈତାରୀ ନାୟକଙ୍କୁ କୋର୍ଟ ଚାଲାଣ କରିଥିଲା। ପରବର୍ତ୍ତୀ ସମୟରେ କୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିଛି।

# ହଷ୍ଟେଲରୁ ନିଖୋଜ ୨ ଛାତ୍ର ଉଦ୍ଧାର

ପାରଳାଖେମୁଣ୍ଡି/ଆର.ଉଦୟଗିରି, ୨୯।୭(ଡି.ଏନ୍.ଏ.)

ଗଜପତି ଜିଲା ମୋହନା ବ୍ଲକ ଲୁଡୁରୁ ସ୍ଥିତ ସରକାରୀ ଆଶ୍ରମ ବିଦ୍ୟାଳୟର ୨ ନିଖୋଜ ଛାତ୍ରଙ୍କୁ ଶୁକ୍ରବାର ହିକିରିକୁପା ଗ୍ରାମବାସୀ ଉଦ୍ଧାର କରି ପୋଲିସରେ ଜିମା ଦେଇଛନ୍ତି। ଦୁଇ ନିଖୋଜ ନାବାଳକ ବିଦ୍ୟାଳୟର ୧ମ ଶ୍ରେଣୀର ଛାତ୍ର। ଜଣେ ଦୋଘରିଆ ଗାଁର ସମ୍ବିତ ମଲ୍ଲିକ ଓ ଅନ୍ୟ ଜଣେ ଆଶ୍ରୟପୁର ଗାଁର ପବିତ୍ର ଶବର। ଆଜି ଭୋର ସକାଳୁ ଦୁଇ ଜଣ ଛାତ୍ର ହଷ୍ଟେଲ ଛାଡି ଚାଲିଯାଇଥିଲେ। ରାସ୍ତା ଚାଲି ନିଜ ଗାଁକୁ ଯାଉଥିବା ବେଳ ଗ୍ରାମବାସୀ ଅଟକ ରଖି ପଚାରଉଚରା କରି ପୋଲିସକୁ ଖବର ଦେଇଥିଲେ। ପୋଲିସ ଦୁଇ ଜଣ ଛାତ୍ରଙ୍କୁ ଉଦ୍ଧାର କରି ତଦନ୍ତ କରିଛନ୍ତି। ଘଟଣା ସ୍ଥଳରେ ବ୍ଲକ ମଙ୍ଗଳ ଅଧିକାରୀ ରଞ୍ଜନ ଜେନା ଘଟଣା ସ୍ଥଳରେ ପହଞ୍ଚି କାହିଁକି ହଷ୍ଟେଲ ଛାଡି ଦୁଇ ଛାତ୍ର ଲୁଚି ପଳାଉଥିଲେ ବୋଲି ପଚରାଉଚରା କରିଛନ୍ତି। ଅନ୍ୟପଟେ ପିଲାଙ୍କୁ ଶିକ୍ଷକ ମାଡ଼ ମାରୁଥିବା ଛାତ୍ର ଦୁଇଜଣ ଅଭିଯୋଗ କରିଛନ୍ତି,ସେଥିପାଇଁ ସେମାନେ ଲୁଚି ଘରକୁ ପଳାଉଥିବା କହିଛନ୍ତି। ଏ ନେଇ ସମ୍ପୃକ୍ତ ଶିକ୍ଷକଙ୍କୁ ପଚାରିବାରୁ ସେ ଏହାକୁ ଅସ୍ୱୀକାର କରିଛନ୍ତି ।

# ଦଲାଲଙ୍କ କବ୍‌ଜାରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ

ଗଞ୍ଜାମ,୨୯।୭(ଡି.ଏନ.ଏ.)

ଗଞ୍ଜାମ ସହର ତହସିଲ ଅଫିସଠାରୁ କିଛି ଦୂରରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଅବସ୍ଥିତ। ଦୈନନ୍ଦିନ ଶହଶହ ସ୍ଥାନୀୟ ଲୋକମାନେ ଘର ପଟ୍ଟା, ଜମିଜମା ସମ୍ପର୍କିତ ଦସ୍ତାବିଜ ଓ ବିଭିନ୍ନ ଡକ୍ୟୁମେଣ୍ଟ ପାଇଁ ଉକ୍ତ କାର୍ଯ୍ୟାଳୟକୁ ଆସିଥାନ୍ତି। ବର୍ତ୍ତମାନ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଏବେ ଦଲାଲଙ୍କ କବଜାରେ ଥିବା ସହରରେ ଚର୍ଚ୍ଚା ଜୋର ଧରିଛି। ଯେ କୌଣସି କାଗଜପତ୍ର ନିମନ୍ତେ ଦଲାଲଙ୍କ ଜରିଆରେ ହାତ ଗୁଞ୍ଜା ନ ଦେଲେ ଫାଇଲ ଘୁଞ୍ଚୁ ନ ଥିବା ଅଭିଯୋଗ ହୋଇଛି। ଏଥିପାଇଁ ତିନି ରୁ ଚାରି ଦଲାଲ ଉକ୍ତ କାର୍ଯ୍ୟାଳୟ ନିକଟରେ ଦୈନନ୍ଦିନ ଡେରା ପକାଉଥିବା ଦେଖିବାକୁ ମିଳିଛି। ନୂତନ ଜିଲାପାଳ ବାଲି ଚୋରା ଚାଲାଣ ରୋକିବାକୁ ଘନ ଘନ ବୈଠକ କରୁଛନ୍ତି। କିନ୍ତୁ କିଛି ଟ୍ରାକ୍ଟର ମାଲିକ ରାଜସ୍ୱ ଅଫିସର କିଛି ଦଲାଲ ମାନଙ୍କୁ ମଧ୍ୟସ୍ଥି କରି ନିର୍ଭୟରେ ବାଲି ଚୋରା ଚାଲାଣ କରୁଥିବାର ଦେଖିବାକୁ ମିଳିଛି। ରାଜସ୍ୱ ଆଦାୟ ନାମରେ ଉକ୍ତ କାର୍ଯ୍ୟାଳୟ ଅଧିକାରୀମାନେ ହରିଲୁଟ କରୁଛନ୍ତି। ବିଭିନ୍ନ ସାର୍ଟିଫିକେଟ ପାଇଁ ଆସୁଥିବା ଛାତ୍ରୀଛାତ୍ରମାନେ ମଧ ବାଦ ପଡୁନାହାନ୍ତି। ଯେ କୌଣସି ସାର୍ଟିଫିକେଟ ପାଇଁ ଲାଞ୍ଚ ନ ଦେଲେ ବାରମ୍ବାର ଦୌଡିବାକୁ ପଡୁଛି ବୋଲି ଅଭିଯୋଗ ହୋଇଛି। ଗ୍ରାମକଣ୍ଟକ ଘରପଟ୍ଟା ଯୋଗାଇଦେବା ପାଇଁ ତହସିଲଦାର ଅରୁଣ କୁମାର ନାୟକ ନିଜର ତତ୍ପରତା ଦେଖାଉଥିବା ବେଳେ ଗଞ୍ଜାମ ରାଜସ୍ୱ ଅଫିସର ଦଲାଲ ମାନଙ୍କ ଜରିଆରେ ଲକ୍ଷ ଲକ୍ଷ ଟଙ୍କା ପଟ୍ଟା କରିବା ପାଇଁ ଲୋକଙ୍କୁ ମାଗିବାର ଅଡିଓ ସହରରେ ବୁଲୁଥିବାର ଦେଖିବାକୁ ମିଳିଥିଲା। ତେବେ ପ୍ରଶ୍ନ ଉଠୁଛି ରାଜସ୍ୱ ନିରୀକ୍ଷଙ୍କ ନାକ ପାଖରେ ଏତେ ସବୁ ଦୁର୍ନୀତି ହେଉଛି କିପରି ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଥିସହ ବିଳମ୍ବିତ ରାତି ପର୍ଯ୍ୟନ୍ତ ଉକ୍ତ କାର୍ଯ୍ୟାଳୟ କର୍ମଚାରୀମାନେ ଅଫିସ କାମ ବାହାନାରେ ସେଠାରେ ଖଟି କରୁଥିବା ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ଆର୍‌ଆଇ ରବୀନ୍ଦ୍ର କୁମାର ପ୍ରଧାନଙ୍କୁ ଯୋଗାଯୋଗ କରିବାରେ ଉପରୋକ୍ତ ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତି ହୀନ ବୋଲି ସେ କହିଛନ୍ତି। ପୂର୍ବରୁ ୨୮୦୦ ଶହ ଗ୍ରାମ କଣ୍ଟକ ଘର ପଟ୍ଟାରୁ ମାତ୍ର ଆଉ ୨୦ ରୁ ୩୦ ପଟ୍ଟା ବାକି ଅଛି। ସେଗୁଡିକ ମଧ ତଦନ୍ତ ସରିଛି ଶୀଘ୍ର ବଣ୍ଟନ କରାଯିବ ବୋଲି ଆରଆଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ଅବ୍ୟବସ୍ଥା ଘେରରେ କବିସୂର୍ଯ୍ୟନଗର ବ୍ଲକ କାର୍ଯ୍ୟାଳୟ




କବିସୂର୍ଯ୍ୟନଗର ପଞ୍ଚାୟତ ସମିତି କାର୍ଯ୍ୟାଳୟ

କବିସୂର୍ଯ୍ୟନଗର,୨୯।୭(ଡି.ଏନ.ଏ.)

ଶ୍ରୀହୀନ ହୋଇପଡ଼ିଲାଣି କବିସୂର୍ଯ୍ୟନଗର ବ୍ଲକ କାର୍ଯ୍ୟାଳୟ। କୁକୁର ବୁଲୁଛି, କାନ୍ଥରେ ବୃକ୍ଷଲତା ଉଠିପଡ଼ିଲାଣି। ବର୍ଷ ବର୍ଷ ବିତିଲା କାର୍ଯ୍ୟାଳୟରେ ରଙ୍ଗ ଟିକିଏ ଲାଗିପାରିଲାନି। ଅଫିସ ଅଛି କିନ୍ତୁ କର୍ମଚାରୀ ରହୁନାହାନ୍ତି। ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ବ୍ଲକରେ ଦୁଇ ବିଧାୟିକାଙ୍କ କର୍ତ୍ତୃତ୍ୱ ରହୁଛି। ଅଧକ୍ଷା ଅପ୍ରତିଦ୍ୱନ୍ଦ୍ୱି ଶାସକ ଦଳର ଓ ପୂର୍ଣ୍ଣ ସଂଖ୍ୟା ଗରିଷ୍ଠତା ଆସିଛି। ତଥାପି ବ୍ଲକରେ ଅଚଳାବସ୍ଥା ଦେଖା ଦେଇଛି।

ସୂଚନାଯୋଗ୍ୟ, ପୁରୁଣା ଅଫିସଗୃହକୁ ଭଙ୍ଗା ଗଲା ପରେ ଏବେ ନିର୍ମାଣ ହୋଇପାରୁନି। ଟିଣ କାଠ, ସବୁ ପଡି ରହିଛି ପୁରୁଣା ଜିନିଷ ଟେଣ୍ଡର ବି ହେଇପାରୁନି। ସେହିଭଳି ସହକାରୀ ଯନ୍ତ୍ରୀଙ୍କ ଅଫିସରେ ଝୁଲୁଛି ତାଲା, ଯନ୍ତ୍ରୀଙ୍କ ନାମ ଫଳକ ବି ଲାଗିନି। ଲୋକେ ଆସି ଖୋଜୁଛନ୍ତି ସହକାରୀ ଯନ୍ତ୍ରୀଙ୍କୁ। ସେହିଭଳି ମୁଖ୍ୟ କିରାଣୀଙ୍କ କୋଠରୀର ଅବସ୍ଥା ଦୟନୀୟ। ଏଠାରେ ଟ୍ୟୁବଲାଇଟ ଝୁଲି ଥିବାବେଳେ ଲାଗୁନି ଫ୍ୟାନ, ଏସି ତଳେ ପଡ଼ିରହିଛି। ଏ ନେଇ କର୍ମଚାରୀ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଲୋକଙ୍କ ଏବଂ କର୍ମଚାରୀଙ୍କ ଦୃଷ୍ଟି ଆଢୁଆଳରେ ପକ୍ଷୀ ଅଣ୍ଡା ଦେଲେଣି ଅଫିସରେ। ସରକାରୀ ଆଲମିରା ବାହାରେ ପାଣି ଖାଉଛି। ବିଡିଓ ପ୍ରକୋଷ୍ଠରେ କାନ୍ଥ ବାଡ଼ରେ ବିପଦ ପୂର୍ଣ୍ଣ ଅବସ୍ଥାରେ ବିଦ୍ୟୁତ ତାର ଝୁଲି ରହିଛି । ଦୈନିକ ବୃଦ୍ଧା ବୃଦ୍ଧ, ମହିଳା ସେହି ବାଟ ଦେଇ ଯିବା ଆସିବା କରୁଥିବା ବେଳେ ମୁଣ୍ଡ ଉପରେ ରହିଛି ବିପଦ। ଏଠାରେ କୋଟି କୋଟି ଟଙ୍କାର ବିକାଶ ହେଉଥିବା କୁହାଯାଉଥିବା ବେଳେ ପଞ୍ଚାୟତ ସମିତି ଏବେ ଶ୍ରୀହୀନ ହେଇଗଲାଣି। ଏଠି ରାଜନୈତିକ ଅସ୍ଥିରତା ଲାଗିରହିଥିବା ଆଲୋଚନା ହେଉଛି।

## କୋଭିଡ୍ ନିୟମରେ ପାଳନ ହେବ ସ୍ୱାଧୀନତା ଦିବସ



ବୈଠକରେ ଏଡିଏମ ଓ ଅନ୍ୟ ଅଧିକାରୀ

ଛତ୍ରପୁର, ୨୯।୭(ଡି.ଏନ୍.ଏ.)

ଚଳିତ ବର୍ଷର ଜିଲାସ୍ତରୀୟ ୭୬ତମ ସ୍ୱାଧୀନତା ଦିବସ ଛତ୍ରପୁର ସ୍ଥିତ ପୋଲିସ ପ୍ୟାରେଡ ପଡିଆ ଠାରେ କୋଭିଡ୍ ନିୟମ ଅନୁସାରେ ପାଳନ ହେବ। ଅତିରିକ୍ତ ଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି ବୈଠକରେ ଜଣାଇଛନ୍ତି। କୋଭିଡ ନିୟମ ଅନୁପାଳନ କରି ପୂର୍ବାହ୍ନ ୮ଟାରେ ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକରେ ପତାକା ଉତ୍ତୋଳନ କରାଯିବ। ପୂର୍ବାହ୍ନ ୯.୧୫ରେ ଛତ୍ରପୁରସ୍ଥିତ ପୋଲିସ ପ୍ୟାରେଡ ପଡିଆ ଠାରେ ମୁଖ୍ୟ ଅତିଥି ପତାକା ଉତ୍ତୋଳନ କରିବେ । ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ସମସ୍ତ ଆନୁସଙ୍ଗୀକ ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇଥିଲେ। ବୈଠକରେ ଡିଏସପି, ଡିଆଇବି ଅଜୟ କୁମାର ମିଶ୍ର, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ମାନସ ରଞ୍ଜନ ମହାନ୍ତି, ରିଜର୍ଭ ଇନିସ୍ପେକ୍ଟର ଅଫ ପୋଲିସ ଅମୂଲ୍ୟ ନାୟକ, ଡିଆଇବି ଇନିସ୍ପେକ୍ଟର ରମେଶ ଚନ୍ଦ୍ର ଦାଶ, ଛତ୍ରପୁର ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଏନ. ଗଣେଶ ବାବୁ, ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟ ଅଧିକ୍ଷକ ଡା. ପ୍ରଫୁଲ୍ଲ ଚନ୍ଦ୍ର ଗୌଡ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ନୃସିଂହ ଚରଣ ମିଶ୍ର, ଛତ୍ରପୁରର ସମସ୍ତ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଯୋଗଦେଇଥିଲେ।

## ଲଗାଣ ବର୍ଷାରେ ଧୋଇଗଲା ପୋଲ



ଧୋଇଯାଇଥିବା ବାକ୍ସି ରାସ୍ତାର ପୋଲ

ଚକାପାଦ, ୨୯।୭(ଡି.ଏନ୍.ଏ):

ଚକାପାଦ ବ୍ଲକରୁ ନୟାଗଡ଼ ଜିଲାକୁ ସଂଯୋଗ କରୁଥିବା ବାକ୍ସି ଗ୍ରାମ ରାସ୍ତାରେ ଥିବା ପୋଲଟି ଗତ ଲଗାଣ ବର୍ଷାରେ ଧୋଇଯାଇଛି। ଫଳରେ ଅଞ୍ଚଳର ଲୋକେ ହଇରାଣ ହେଉଛନ୍ତି। ଆଜକୁ ପ୍ରାୟ ୩୦ ବର୍ଷ ପୂର୍ବରୁ ଉକ୍ତ ପୋଲ ନିର୍ମାଣ ହେଇଥିଲା। ଗତ ଲଗାଣ ବର୍ଷାରେ ପୋଲଟି ଧୋଇଯାଇଛି। ବର୍ତ୍ତମାନ ବାକ୍ସି ଗ୍ରାମର ଲୋକେ ବାହାରକୁ ବାହାରକୁ କଷ୍ଟକର ହୋଇପଡ଼ିଛି। ରୋଗୀମାନଙ୍କୁ ନେବା ଆଣିବା ସମ୍ଭବ ହେଉନାହିଁ। ବାକ୍ସି ଗ୍ରାମଠାରୁ ୧୫ କିମି ଦୂରରେ ଥିବା ଚକାପାଦ ବଜାର ଏବଂ ବ୍ରାହ୍ମଣପାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଲୋକେ ନିର୍ଭର କରିଥାନ୍ତି। ପ୍ରତି ମାସର ବୁଧବାର ସାପ୍ତାହିକ ହାଟ ହେଉଥିବା ଯୋଗୁଁ ଏହି ଗ୍ରାମ ଗୁଡ଼ିକର ଜନସାଧାରଣ ଚକାପାଦ ବଜାରକୁ ଯାଇଥାନ୍ତି। କିନ୍ତୁ ବର୍ତ୍ତମାନ ପୋଲଟି ଧୋଇଯାଇଥିବାରୁ ଲୋକେ ହାଟକୁ ଯିବା ମଧ ସମ୍ଭବ ହେଉନାହିଁ। ନବ ନିର୍ବାଚିତ ସରପଞ୍ଚ ନୀଳାମ୍ବର ମଲିକ ଜିଲା ପ୍ରଶାସନକୁ ଜଣାଇ ପୋଲ ନିର୍ମାଣ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

# ୨୦ରେ ଗଞ୍ଜାମ ଜିଲା ଯୋଜନା କମିଟି ସଦସ୍ୟ ନିର୍ବାଚନ

## ବିଜେଡିର ୧୩ ଜିଲା ପରିଷଦ ସଭ୍ୟଙ୍କ ନାମାଙ୍କନପତ୍ର ଦାଖଲ

ଛତ୍ରପୁର,୨୯।୭(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଯୋଜନା କମିଟି ସଦସ୍ୟ ଲାଗି ଶୁକ୍ରବାର ଠାରୁ ନାମାଙ୍କନପତ୍ର ଦାଖଲ ଆରମ୍ଭ ହୋଇଛି । ପ୍ରଥମ ପର୍ଯ୍ୟାୟରେ ଜିଲା ଯୋଜନା କମିଟିର ୨୦ ସଦସ୍ୟଙ୍କ ମଧ୍ୟରୁ ୧୩ଜଣ ସଦସ୍ୟ ଜିଲା ପରିଷଦ ସଭ୍ୟଙ୍କ ମଧ୍ୟରୁ ନିର୍ବାଚିତ ହେବେ । ଜିଲାରେ ୬୯ ଜିଲାପରିଷଦ ସଭ୍ୟ ରହିଛନ୍ତି ଏବଂ ୧୩ ନିର୍ବାଚନମଣ୍ଡଳୀ ରହିଛି। ତେବେ ବ୍ରହ୍ମପୁର ବ୍ୟତୀତ ଅନ୍ୟ ୧୨ ବିଧାନସଭା ନିର୍ବାଚନମଣ୍ଡଳୀର ଜିଲାପରିଷଦ ସଭ୍ୟଙ୍କ ମଧ୍ୟରୁ ୧୩ ଜଣ ଜିଲାପରିଷଦ ସଭ୍ୟ ଜିଲା ଯୋଜନା କମିଟିକୁ ନିର୍ବାଚନ ହେବେ । ବ୍ରହ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ସହରାଞ୍ଚଳ ହୋଇଥିବାରୁ ଏଠାରୁ କେହି ଜିଲାପରିଷଦ ସଭ୍ୟ ନାହାଁ । ଶୁକ୍ରବାର ବିଜେଡି ର ୧୩ ଜଣ ଜିଲାପରିଷଦ ସଭ୍ୟ ଜିଲା ଯୋଜନା କମିଟି ର ସଭ୍ୟ ଲାଗି ନାମାଙ୍କନ ପତ୍ର ଛତ୍ରପୁର ସ୍ଥିତ ଯୋଜନା ଓ ସମନ୍ୱୟ କାର୍ଯ୍ୟାଳୟ ଠାରେ ଆସିଷ୍ଟାଣ୍ଟ ରିଟର୍ନିଙ୍ଗ ଅଫିସର ତଥା ଉପନିର୍ଦ୍ଦେଶକ ( ଯୋଜନା ଓ ସମନ୍ୱୟ) ଅଶୋକ କୁମାର ଦାସଙ୍କ ଠାରେ ଦାଖଲ କରିଛନ୍ତି। ଜିଲାପାଳ ଉକ୍ତ ନିର୍ବାଚନ ରିଟର୍ନିଙ୍ଗ ଅଫିସର ଅଛନ୍ତି। ଜିଲା ଯୋଜନା କମିଟିରେ ୧୩ ସଦସ୍ୟ ମଧ୍ୟରୁ ୭ ଜଣ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି । ହିଞ୍ଜିଳି ନିର୍ବାଚନମଣ୍ଡଳୀରୁ ୨ ଜଣ ଏବଂ ଅନ୍ୟ ୧୧ ବିଧାନସଭା ନିର୍ବାଚନ ମଣ୍ଡଳୀ (ବ୍ରହ୍ମପୁର ବ୍ୟତୀତ) ଅଧିନରୁ ଜଣେ ଲେଖାଏ ଜିଲାପରିଷଦ ସଭ୍ୟ ଶୁକ୍ରବାର ଜିଲା ଯୋଜନା କମିଟି ସଦସ୍ୟ ପାଇଁ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଉକ୍ତ ୧୩ ସଦସ୍ୟ ଲାଗି ୬୯ନଂ ଜୋନ ଜିଲାପରିଷଦ ସଭ୍ୟ ପ୍ରିତି ସାହୁ, ୭ ନଂ ଜୋନ୍ ଜିଲାପରିଷଦ ସଭ୍ୟ ସନ୍ତୋଷ କୁମାର ପାଢୀ, ୧୨ ନଂ ଜୋନ ଜିଲାପରିଷଦ ସଭ୍ୟ ଚନ୍ଦନା କୁମାରୀ ସେଠୀ, ୨୨ ନଂ ଜୋନ ଜିଲାପରିଷଦ ସଭ୍ୟ ଶିବ ସେଠୀ, ୪୧ ନଂ ଜୋନ ଜିଲାପରିଷଦ ସଭ୍ୟ ସମିତା ସ୍ୱାଇଁ, ୧୮ ନଂ ଜୋନ ଜିଲାପରିଷଦ ସଭ୍ୟ ଭି.ଲକ୍ଷ୍ମୀ ରେଡ୍ଡି, ୧୯ ନଂ ଜୋନ ଜିଲାପରିଷଦ ସଭ୍ୟ ରଶ୍ମିତା ନାହାକ, ୫୮ ନଂ ଜୋନ ଜିଲାପରିଷଦ ସଭ୍ୟ ମନୋରମା ପଲାଇ, ୬୫ ନଂ ଜୋନ ଜିଲାପରିଷଦ ସଭ୍ୟ ପ୍ରଫୁଲ୍ଲ ଚନ୍ଦ୍ର ମହାଙ୍କୁଡ , ୨୫ ନଂ ଜୋନ ଜିଲାପରିଷଦ ସଭ୍ୟ ରାଧାକାନ୍ତ ମହାଙ୍କୁଡ, ୩୦ ନଂ ଜୋନ ଜିଲାପରିଷଦ ସଭ୍ୟ ଟୁକୁନା ଗୌଡ, ୧ ନଂ ଜୋନ ଜିଲାପରିଷଦ ସଭ୍ୟ ତନମୟୀ ନାହାକ, ୫୪ ନଂ ଜୋନ ଜିଲାପରିଷଦ ସଭ୍ୟ ଦୀପକ କୁମାର ସାମନ୍ତ ବିଜେଡିରୁ ନାମାଙ୍କନ ପତ୍ର ଦାଖଲ କରଛନ୍ତି। ଯଦି ଏମାନଙ୍କ ନାମାଙ୍କନପତ୍ର ଯାଂଚ ପରେ କାଏମ ରହେ ତେବେ ସମସ୍ତେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ଏକପ୍ରକାର ନିଶ୍ଚିତ । ଏହି ନାମାଙ୍କନପତ୍ର ଦାଖଲ ବେଳେ ଜିଲାପରିଷଦ ଅଧକ୍ଷା ଅଂଜଳି ସ୍ୱାଇଁ, ଉପାଧକ୍ଷା ଏସ୍.ରାଜେଶ୍ୱରୀ ଦୋରା, ଉପନିର୍ଦ୍ଦେଶକ (ଯୋଜନା ଓ ସମନ୍ୱୟ)ଙ୍କ ସମେତ ବିଜେଡି ର କର୍ମକର୍ତ୍ତା ଉପସ୍ଥିତ ଥିଲେ । ୩୦ ତାରିଖ ଅପରାହ୍ନ ୩ ଟା ସୁଦ୍ଧା ନାମାଙ୍କନପତ୍ର ଦାଖଲ, ଅଗଷ୍ଟ ୧ ତାରିଖରେ ନାମାଙ୍କନପତ୍ର ଯାଂଚ, ୪ ତାରିଖ ଅପରାହ୍ନ ୩ ଟା ସୁଦ୍ଧା ନାମାଙ୍କନପତ୍ର ପ୍ରତ୍ୟାହାର ହେବ । ଅଗଷ୍ଟ ୨୦ ତାରିଖ ପୂର୍ବାହ୍ନ ୯ ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଭୋଟ ଏବଂ ୨୨ ତାରିଖ ଭୋଟ ଗଣତି ଜିଲାପରିଷଦ ଭବନର ସମ୍ମିଳନୀ ଗୃହରେ ହେବାକୁ ଧାର୍ଯ୍ୟ ହୋଇଛି।



ନାମାଙ୍କନପତ୍ର ଦାଖଲ କରୁଛନ୍ତି।

